# ଶିଳ୍ପଜିଲା ହେବ ସୌନ୍ଦର୍ଯ୍ୟମୟ

**ପ୍ରକୃତିକୁ ଉପଭୋଗ କରିବାକୁ ଅନୁଗୋଳ ଆସୁଥିବା ପର୍ଯ୍ୟଟକ କେବଳ ସାତକୋଶିଆ ବୁଲି ଫେରିବେ ନାହିଁ। ଡେରଜାଙ୍ଗ ଡ୍ୟାମ୍‌ର ଆକର୍ଷଣ ସେମାନଙ୍କୁ ସେଠାକୁ ଟାଣିନେବ। ବନ୍ଧ ଉପର ବେଞ୍ଚ ମନକୁ ଶୀତଳ କରିଦେବ। ରାଣୀଗୁଡ଼ା ପୁଷ୍କରିଣୀର ୱାଟର ଫାଉଣ୍ଟେନ ଆଖି ଝଲସାଇଦେବ। ନନ୍ଦିରା ନାଳ ଜଳକୁ ସ୍ପର୍ଶ କରି ଫୁଟ୍ ଓଭରବ୍ରିଜ୍‌ରେ ଚାଲିବାକୁ ପର୍ଯ୍ୟଟକ ନିଶ୍ଚିତ ଆଗ୍ରହ ଦେଖାଇବେ।**

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୧୪।୨**

ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲା ହେବ ସୌନ୍ଦର୍ଯ୍ୟମୟ। ଡେରଜାଙ୍ଗ ଡ୍ୟାମ୍ ଠାରୁ ଆରମ୍ଭ କରି ନନ୍ଦିରା ନାଳ ଯାଏ ପର୍ଯ୍ୟଟକଙ୍କୁ ଆକର୍ଷିତ କଲାଭଳି ଅନେକ ସ୍ଥାନର ସୌନ୍ଦର୍ଯ୍ୟକରଣ କରାଯିବ। ଏସବୁ ସ୍ଥାନରେ ୱାଟର ଫାଉଣ୍ଟେନ, ବୋଟିଂ, ଭୋଜି ପିଣ୍ଡି, ଫୁଟ୍ ଓଭରବ୍ରିଜ୍, ୱାଚ୍ ଟାୱାର ଆଦି ନିର୍ମାଣ କରାଯିବ। ଜିଲାରେ ଏପରି ଟୁରିଜମ୍ ସର୍କିଟ୍ ଉପରେ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଥିବାରୁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଡେରଜାଙ୍ଗ ଡ୍ୟାମ୍‌କୁ ନୂଆ ରୂପ ଦିଆଯିବ। ବନ୍ଧ ରାସ୍ତାରେ ପର୍ଯ୍ୟଟକଙ୍କ ପାଇଁ ଚେୟାର ବ୍ୟବସ୍ଥା ହେବ। ସେଠାରେ ବସି ଆଗନ୍ତୁକମାନେ ସୂର୍ଯ୍ୟୋଦୟ ସହ ସୂର୍ଯ୍ୟାସ୍ତକୁ ଉପଭୋଗ କରିପାରିବେ। ଡ୍ୟାମ୍ ପାର୍ଶ୍ୱରେ ଭୋଜି ପିଣ୍ଡି ନିକଟରେ ପାନୀୟ ଜଳ, ଡଷ୍ଟବିନ୍, ଶୌଚାଳୟ ସହ ଅନ୍ୟ ସୁବିଧା କରାଯିବ। ପିଣ୍ଡି ଅପରପାର୍ଶ୍ୱରେ ଅତ୍ୟାଧୁନିକ ପାର୍କ ରହିବ। ପର୍ଯ୍ୟଟକମାନେ ଏଠାରେ ମନଫୁର୍ତ୍ତି ସହ ଛୋଟ ପିଲାମାନେ ଖେଳକୁଦ କରିପାରିବେ। ଡ୍ୟାମ୍ ବନ୍ଧ ଉପରେ ଥିବା ଲାଇଟ୍‌ଗୁଡ଼ିକର ମରାମତି କରାଯିବ। ରଙ୍ଗିନ ଏଲ୍ଇଡି ଆଲୋକରେ ଡେରଜାଙ୍ଗ ପ୍ରୋଜେକ୍ଟ ଝଲସିବ। ବୋଟିଂ ସୁବିଧା ହୋଇ ନ ପାରିଲେ ନାରଣ ସାଗରରେ କରାଯିବ। ସେହିପରି ରାଣୀଗୁଡ଼ା ପୁଷ୍କରିଣୀରେ ୱାଟର ଫାଉଣ୍ଟେନ୍ ଯୋଜନା ରହିଛି। ପୁଷ୍କରିଣୀ ମଝିରେ ଏକ ମୂର୍ତ୍ତି ନିକଟରେ ପାଣିର ନୃତ୍ୟ ବେଶ୍ ମନୋମୁଗ୍ଧକର ହେବ। କୂଳରେ ଭଳକି ଭଳି ଗଛ ଲଗାଯିବ। ବିଦେଶୀ ଶୈଳୀରେ ଏଠାରେ ବନିଶୀ ପକାଇ ପର୍ଯ୍ୟଟକମାନେ ମାଛ ଧରିପାରିବା ଭଳି ବ୍ୟବସ୍ଥା ରହିବ। କୁକୁଡ଼ାଙ୍ଗସ୍ଥିତ ନନ୍ଦିରା ନାଳ ଉପରେ ଅତ୍ୟାଧୁନିକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରାଯିବ। ପାଣିରେ ଗୋଡ଼ ବୁଡ଼ାଇ ବସିବାଭଳି ବେଞ୍ଚ, ଚୌକି ପ୍ରସ୍ତୁତ କରାଯିବ। ଏକ କୃତ୍ରିମ ୱାଟରଫଲ ଏଠାରେ ରହିବ। ନାଳ ଅପରପାର୍ଶ୍ୱ ୨୩ ଏକର ଜାଗାରେ ଆମ୍ବ ସହ ବିଭିନ୍ନ ଗଛ ଲଗାଯାଇ ଏକ ବଗିଚା କରାଯିବ। ଚଟ୍‌ପଟା ଓ ଅନ୍ୟ ସ୍ୱାଦିଷ୍ଟ ଖାଦ୍ୟଦ୍ରବ୍ୟ ମିଳିବ। ଉପରୁ ପୂରା ଅଞ୍ଚଳର ସୌନ୍ଦର୍ଯ୍ୟ ଦେଖିହେବା ଭଳି ୱାଚ୍ ଟାୱାର ନିର୍ମାଣକ ହେବ। ଏହାଛଡ଼ା ଜିଲାର ଅନ୍ୟ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତୀକରଣ ମଧ୍ୟ ପର୍ଯ୍ୟାୟକ୍ରମେ କରାଯିବ। ଜିଲାରେ ଏହି ଟୁରିଜମ୍ ସର୍କିଟ ନିର୍ମାଣ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।


ଅନୁଗୋଳ ସ୍ଥିତ ଡେରଜାଙ୍ଗ ଡ୍ୟାମ୍


ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ
ସମସ୍ତ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ରୁଦ୍ର ଗ୍ୟାରେଜ୍, ନାଲକୋ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ
ବଅଁରପାଳ କୃଷିବିଭାଗ ତରଫରୁ
ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ।
ବଅଁରପାଳ କୃଷିବିଭାଗ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ନେପୁ ତରଫରୁ ନାଲକୋର ସମସ୍ତ ଶ୍ରମିକ ଭାଇଭଉଣୀ ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା କାମନା କରୁଛୁ ।
ମାଗିଲାଲ ସାମଲ
କାର୍ଯ୍ୟକାରୀ ସଭାପତି (ନେପୁ)

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ
ବଅଁରପାଳ ପଞ୍ଚାୟତସମୀତି ତରଫରୁ
ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ।
ବଅଁରପାଳ ବ୍ଲକ୍ କାର୍ଯ୍ୟାଳୟ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରୀଛାତ୍ର ମାନଙ୍କୁ ଶୁଭେଚ୍ଛା ।
ମା ଲୋଭୀ ସମସ୍ତଙ୍କର ମଙ୍ଗଳ କାମନା କରନ୍ତୁ ।
ଆର୍ତ୍ତତ୍ରାଣ ସାମଲ
ପ୍ରଧାନଶିକ୍ଷକ, ଗଡ଼ସନ୍ତ୍ରୀ ନେହେରୁ ଉଚ୍ଚବିଦ୍ୟାଳୟ

With Best Compliments from :-
M/S DIVINE ENTERPRISES
Nalco Nagar

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ
ବଅଁରପାଳ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ।
ସୀମା ଡିଜିଟାଲ ଷ୍ଟୁଡ଼ିଓ
ଅଭୟ ସେନାପତି
ବଅଁରପାଳ

With Best Compliments from:
J. K. CONSTRUCTION
CONTRACTORS
P.F. Code : OR/6337
ESI Code : 445847101
KULAD, NALCONAGAR, ANGUL, ODISHA - 759145
Phone : 06764-222922 (O)
Mobile : 94370 71031, 98612 16487, 94371 17851, 94379 02764

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ
ସମସ୍ତ ନାଲକୋ ଅଧିକାରୀ ଓ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ।
NALCO OFFICERS' ASSOCIATION
ପ୍ରଶନ୍ନ କୁମାର ମଲ୍ଲିକ
ସଭାପତି
ନଳିନୀକାନ୍ତ ପଣ୍ଡା
ସାଧାରଣ ସମ୍ପାଦକ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ବଅଁରପାଳ
ପି.ଏସ୍.ଏସ୍.କେ ଡ଼ିଗ୍ରୀ କଲେଜ ତରଫରୁ ସମସ୍ତ ଛାତ୍ରୀଛାତ୍ର,
ଅଧାପୀକା ଅଧାପକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଗୋକୁଳାନନ୍ଦ ପ୍ରଧାନ
ଅଧକ୍ଷ, ପି.ଏସ୍.ଏସ୍.କେ ଡ଼ିଗ୍ରୀ କଲେଜ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ
ସମସ୍ତ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ।
ମା ଲୋଭୀ ସମସ୍ତଙ୍କର ମଙ୍ଗଳ କାମନା କରନ୍ତୁ ।
ବଳଭଦ୍ର ବେହେରା
ସମାଜସେବୀ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ନେପୁ ତରଫରୁ ନାଲକୋର ସମସ୍ତ ଶ୍ରମିକ ଭାଇଭଉଣୀ ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା କାମନା କରୁଛୁ ।
ବ୍ରଜ କିଶୋର ପ୍ରଧାନ
ସଭାପତି (ନେପୁ)
ମାଗିଲାଲ ସାମଲ
କାର୍ଯ୍ୟକାରୀ ସଭାପତି (ନେପୁ)
ବୈରାଗି ସେଠ
ସାଧାରଣ ସମ୍ପାଦକ (ନେପୁ)

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ
ବଅଁରପାଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ବିଜୟ କୁମାର ନାଥ
ସଭାପତି, ବଅଁରପାଳ ବ୍ଲକ ବିଜେଡ଼ି

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ
ତହସିଲ ପକ୍ଷରୁ ସମସ୍ତ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ।
ବଅଁରପାଳ ତହସିଲ କାର୍ଯ୍ୟାଳୟ

ଧରିତ୍ରୀର ସ୍ୱନକ୍ଷେତ୍ର ଅବସରରେ ନାଲ୍‌କୋର ସମସ୍ତ ଶ୍ରମିକ ଭାଇଭଉଣୀ ତଥା ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି ।
ରମେଶ ଚନ୍ଦ୍ର ବେହେରା
ସାଧାରଣ ସମ୍ପାଦକ,
ଆଲୁମିନିୟମ୍ ମଜଦୁର ସଂଘ, ନାଲ୍‌କୋ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ନାଲକୋ ପେରିଫେରି ଟ୍ରକ ମାଲିକ ସଂଘ, ସିପିପି ତରଫରୁ ସମସ୍ତ ଟ୍ରକ ମାଲିକଙ୍କୁ ଅଭିନନ୍ଦନ ଜଣାଇବା ସହ ସମଗ୍ର ନାଲକୋ, ବଅଁରପାଳବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛୁ ।
ସୁବାସ ପଟ୍ଟନାୟକ, ସଭାପତି
ନାରାୟଣଚନ୍ଦ୍ର ସିଂ, ସମ୍ପାଦକ
ନରୋତ୍ତମ ସାହୁ, କୋଷାଧକ୍ଷ
ଦୀପକ ସାହୁ, ଉପସଭାପତି
ଜିତେନ୍ଦ୍ର ସାହୁ, ସହସମ୍ପାଦକ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ
ଏନ୍ଏନ୍ଇୟୁ ତରଫରୁ ନାଲକୋର ସମସ୍ତ
ଶ୍ରମିକ ଭାଇଭଉଣୀ ଓ ପାରିପାର୍ଶ୍ୱିକ
ଅଞ୍ଚଳବାସୀଙ୍କୁ
ଶୁଭେଚ୍ଛା ଜଣାଇ କାମନା କରୁଛୁ ।
ନିର୍ମଳ ଶତପଥୀ
କାର୍ଯ୍ୟକାରୀ ସଭାପତି (ଏନ୍ଏନ୍ଇୟୁ)
ଭରତ ଚନ୍ଦ୍ର ମାଝୀ
ଶ୍ରମିକ ନେତା (ଏନ୍ଏନ୍ଇୟୁ)

With Best Complements From
AMARVANI CONVENT SCHOOL
TURANG,ANGUL
A premier educational institution of Angul city
SILVER JUBILEE
AFFILIATED TO ICSE BOARD,NEW DELHI
FACILITIES :-
* DIGITAL CLASS ROOMS
* KYC SYSTEM
* ABACUS/VEDIC MATH
* ONLINE STUDENT MONITORING
* CCTV SURVEILLANCE
* WI-FI COMPUTER LAB
* ECO CLUB,REDCROSS
* YOGA,KARATE,DANCE
* DRAWING,SINGING
* QUALIFIED STAFF
* BASKETBALL,CRICKET
* FOOTBALL,VOLLEYBALL
* BADMINTON
ADMISSIONS GOING ON
FOR CLASSESS NURSERY TO VIII
REGISTRATIONS OPEN FOR CLASS IX

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ
ସମସ୍ତ ବଅଁରପାଳ ବ୍ଲକବାସୀଙ୍କୁ ଅଭିନନ୍ଦନ।
ଅଞ୍ଜଳି ଭୋଇ
ଅଧକ୍ଷା, ବଅଁରପାଳ ବ୍ଲକ

ଧରାତ୍ରୀର ସନକ୍ଷତ୍ର ଉପଲକ୍ଷେ
ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
NIET
ନାରାୟଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍
ଇଞ୍ଜିନୀୟରିଂ ଆଣ୍ଡ ଟେକ୍‌ନୋଲୋଜୀ
ଅରାହାଟ, ବଅଁରପାଳ, ଅନୁଗୋଳ
ବ୍ରାଞ୍ଚ: ମେକାନୀକାଲ୍ ଇଞ୍ଜିନୀୟରିଂ, ସିଭିଲ୍ ଇଞ୍ଜିନୀୟରିଂ, ଇଲେକ୍‌ଟ୍ରିକାଲ୍ ଇଞ୍ଜିନୀୟରିଂ, ମାଇନିଂ ଇଞ୍ଜିନୀୟରିଂ, ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେସନ୍ ଇଞ୍ଜିନୀୟରିଂ
ପ୍ରଥମ ଥର ଅନୁଗୋଳରେ :- ମେକାନିକାଲ୍ ଇଞ୍ଜିନୀୟରିଂ (ପାର୍ଟ ଟାଇମ୍)
ମାଇନିଙ୍ଗ ଇଞ୍ଜିନୀୟରିଂ (ସେକେଣ୍ଡ ସିଫ୍ଟ)

ଧରିତ୍ରୀର ସ୍ୱନକ୍ଷେତ୍ର ଦିବସ ଅବସରରେ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ତରଫରୁ ସମସ୍ତ ସିପିପିର କର୍ମଚାରୀ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।
NTUC
NSCU
ପରେଶ ଚନ୍ଦ୍ର ଜେନା
ସାଧାରଣ ସମ୍ପାଦକ, ଏନ୍ଏସ୍ସିୟୁ
ଯୁଗ୍ମ ସମ୍ପାଦକ, ରାଜ୍ୟ ଆଇଏନ୍‌ଟିୟୁସି

ଧରିତ୍ରୀର ଅନୁଗୋଳ-ଢେଙ୍କାନାଳ ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠିକା/ପାଠକମାନଙ୍କୁ ମୋର ଶୁଭେଚ୍ଛା ।
ନଗୀ ସିଂ
ବିଜେଡ଼ି ଯୁବ ନେତା

Samal Builders (P) LTD.
"ଧରିତ୍ରୀ"ର ସ୍ୱନକ୍ଷତ୍ର ଅବସରରେ ସାମଲ ବିଲଡ଼ର ତରଫରୁ ସମସ୍ତ ଢେଙ୍କାନାଳ ଓ ଅନୁଗୋଳ ବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଗଙ୍ଗାଧର ସାମଲ

# ବାଉଁଶ ବିନ୍ଧାଣି 'ଭାଗୀରଥି ସାର୍'

ବାଉଁଶରୁ କାରିଗରି। ଡ୍ରେସିଂ ଟେବୁଲ, ଫୁଲଦାନି, ପେନ୍‌ଷ୍ଟାଣ୍ଡଠାରୁ ଆରମ୍ଭ କରି ବିଭିନ୍ନ ଘରସଜ୍ଜା ଉପକରଣ। ଦେଖିଲେ ଆଖି ଲାଖିଯିବ। ନିର୍ଜୀବ ବାଉଁଶରୁ ଏଭଳି କଳାକୃତି ତିଆରି କରି ପ୍ରଶଂସା ସାଉଁଟୁଛନ୍ତି ଭାଗୀରଥି ସାର୍। ଶିକ୍ଷକତା ବୃତ୍ତିରେ ସାରାଜୀବନ କାଟିଥିବା ଏହି ମଣିଷଙ୍କ ଉଦ୍ୟମରେ ଜାତୀୟସ୍ତରରେ ପହଞ୍ଚିପାରିଛି ଢେଙ୍କାନାଳ ଜିଲାର ବାଉଁଶ ହସ୍ତଶିଳ୍ପ କଳା।


ବାଉଁଶ ତିଆରି ଉପକରଣ।


ଭାଗୀରଥି ଦାସ

**ସୁଧୀର କୁମାର ପରିଡ଼ା**
**କାମାକ୍ଷାନଗର, ୧୪।୨**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ପଞ୍ଚାୟତ ସଦରରେ ରୁହନ୍ତି ଭାଗୀରଥି ଦାସ। ବୟସ ୮୧ ପାର୍ କଲାଣି। ତଥାପି ସେ ଚଳଚଞ୍ଚଳ। ଶିକ୍ଷକତା ବୃତ୍ତିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ସେ ପଡ଼ିଯାଇଛନ୍ତି ବାଉଁଶ ପ୍ରେମରେ। ଇଚ୍ଛା ଥିଲେ ଉପାୟ ଆପେ ଆପେ ମିଳେ ଏବଂ କଳା କାରିଗରି ପ୍ରତି ରହିଥିବା ଝୁଙ୍କ୍ ଅନୁକୂଳ ପରିବେଶ ପାଇଲେ ବିକଶିତ ହୁଏ, ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି ଭାଗୀରଥି ସାର୍। ବାଉଁଶରେ ତିଆରି ଟେବୁଲ, ଚୌକି, ସୋଫା, ଫୁଲଦାନି, ପେନ୍‌ଷ୍ଟାଣ୍ଡ୍, ଟି-ପଏ, ସୋଫା, ଷ୍ଟୁଲ ଭଳି ସୌଖୀନ ସାମଗ୍ରୀ ତାଙ୍କୁ ଆଣିଦେଇଛି ସୁନାମ।

୧୯୪୧ରେ ଜନ୍ମିତ ଭାଗୀରଥି ୧୮ ବର୍ଷ ବୟସରୁ ଶିକ୍ଷକତାରୁ ଆରମ୍ଭ କରିଥିଲେ ବୃତ୍ତିଗତ ଜୀବନ। ୩୦ବର୍ଷ ଧରି କାର୍ଯ୍ୟ କରିବା ପରେ ଦେଖାଦେଇଥିବା ଶାରୀରିକ ଅସୁସ୍ଥତା ମାନସିକ ସନ୍ତୁଳନ ବିଗାଡ଼ି ଦେଇଥିଲା। ଫଳରେ ଚାକିରି ଅବଧି ଶେଷ ହେବାର ୯ ବର୍ଷ ପୂର୍ବରୁ ସେ ନେଇଯାଇଥିଲେ ସ୍ୱେଚ୍ଛାକୃତ ଅବସର। ସ୍ୱଳ୍ପ ପେନ୍‌ସନ୍ ଟଙ୍କାରେ ଚିକିତ୍ସିତ ହେବା ଏବଂ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଲା। ଏହାପରେ ସେ ଏକ ପାନଦୋକାନ ଆରମ୍ଭ କରିଥିଲେ। ଦୋକାନରେ କାଗଜ, କାଠକୁ ବ୍ୟବହାର କରି ଘରସଜ୍ଜା ଉପକରଣ ପ୍ରସ୍ତୁତ କରୁଥିଲେ। ଏକଦା ଥଟ୍ଟାମଜାରେ ସାଙ୍ଗସାଥୀଙ୍କ ମେଳରେ ବାଉଁଶକୁ ନେଇ ଏକ ପେନ୍‌ଷ୍ଟାଣ୍ଡ ନିର୍ମାଣ କରିଥିଲେ। ଏହା ତାଙ୍କୁ ବାଉଁଶ କାରିଗରି ପ୍ରତି ପ୍ରେରିତ କରିଥିଲା। ପାନଦୋକାନ ନ ଚାଲିବାରୁ ବାହାରୁ ଡୋକ୍ରା ହସ୍ତଶିଳ୍ପ ସାମଗ୍ରୀ ଆଣି ବିଭିନ୍ନ ପ୍ରଦର୍ଶନୀ ମେଳାରେ ବିକ୍ରି କରୁଥିଲେ। ଆସାମର ଏକ ପ୍ରଦର୍ଶନୀରେ ବାଉଁଶରୁ ପ୍ରସ୍ତୁତ ଘରକରଣା ସାମଗ୍ରୀ ଦେଖିବା ପରେ ସେ ଆଉ ପଛକୁ ଫେରିନାହାନ୍ତି। ଦିନକୁ ଦିନ ତାଙ୍କ ହାତ ତିଆରି ବାଉଁଶ ସାମଗ୍ରୀର ଆଦର ବଢ଼ିବା ପରେ ଏଥିରେ ସେ ଅଧିକ ସମୟ ବିତାଉଛନ୍ତି। ଏଥିସହ ଚାନ୍ଦୁଆ ମଧ ପ୍ରସ୍ତୁତ କରୁଛନ୍ତି। ଭାଗୀରଥି ସାର୍‌ଙ୍କ ନିଷ୍ଠାପର ଉଦ୍ୟମ ବଳରେ ବାଉଁଶ ତିଆରି ହସ୍ତଶିଳ୍ପ ଆଜି ଢେଙ୍କାନାଳରୁ ଜାତୀୟସ୍ତରରେ ପହଞ୍ଚି ପାରିଛି। ବେକାର ଯୁବତୀଯୁବକମାନେ ଏହାକୁ ବୃତ୍ତିଭାବେ ଗ୍ରହଣ କରିବାକୁ ଆଗ୍ରହୀ ହେଉଛନ୍ତି। ଜିଲା ଶିଳ୍ପ କେନ୍ଦ୍ର (ଡିଆଇସି) ପ୍ରୋତ୍ସାହନରେ ଅନେକ ଆଗ୍ରହୀ ଯୁବତୀଯୁବକ ତାଙ୍କ ପାଖରୁ ପ୍ରଶିକ୍ଷଣ ନେଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଢେଙ୍କାନାଳ ଜିଲାରେ ବାଉଁଶ ହସ୍ତଶିଳ୍ପ କେନ୍ଦ୍ର କରି ସରକାର ପ୍ରୋତ୍ସାହନ ଯୋଗାଇଦେଲେ ଅନେକେ ରୋଜଗାର ପାଇପାରନ୍ତେ ବୋଲି ଭାଗୀରଥି କହିଛନ୍ତି। ଉଷା ପାଢ଼ୀ ଜିଲାପାଳ ଥିବା ସମୟରେ ପଲ୍ଲିଶ୍ରୀ ମେଳାରେ ତାଙ୍କ ବାଉଁଶ କାରିଗରିକୁ ପ୍ରଶଂସା କରିବା ସହ ସମ୍ମାନିତ କରିଥିଲେ। ଏହାକୁ ବାଦ୍ ଦେଲେ ଅଦ୍ୟାବଧି କୌଣସି ସରକାରୀ ମାନ୍ୟତା ମିଳି ନ ଥିବା କ୍ଷୋଭବ୍ୟକ୍ତ କରିଛନ୍ତି।

ଭାଗୀରଥିଙ୍କ ୫ ପୁଅ ମଧ୍ୟରୁ ବଡ଼ପୁଅଙ୍କ ମୃତ୍ୟୁ ହୋଇଯାଇଛି। ଅନ୍ୟ ୪ ପୁଅ ନିଜ ନିଜ କ୍ଷେତ୍ରରେ ବ୍ୟସ୍ତ। ଯଦିଓ ଏବେ ସେତେଟା ଆର୍ଥିକ ସମସ୍ୟା ନାହିଁ, ତଥାପି ହାତଗୋଡ଼ ଚାଲୁଥିବାଯାଏ ବାଉଁଶ ଶିଳ୍ପର ବିକାଶ ଲାଗି କାମ କରିବେ ବୋଲି ସେ କହିଛନ୍ତି।


ଧରିତ୍ରୀର ଢେଙ୍କାନାଳ ଓ ଅନୁଗୋଳ ସଂସ୍କରଣର ଜନ୍ମଦିନ ଅବସରରେ ତା'ର ସମସ୍ତ କର୍ମଚାରୀ ଓ ଛୋଟବଡ ଭାଇଭଉଣୀ, ଗୁରୁଜନମାନଙ୍କୁ ଶୁଭେଚ୍ଛା ଜଣାଉଛି।
ସିଦ୍ଧାର୍ଥ ପଣ୍ଡା
ଅଧ୍ୟକ୍ଷ, ବଇଣ୍ଡା ଜନତା ମହାବିଦ୍ୟାଳୟ




ଧରିତ୍ରୀର ଢେଙ୍କାନାଳ ଓ ଅନୁଗୋଳ ସଂସ୍କରଣର ଜନ୍ମ ଉତ୍ସବ ଅବସରରେ ଧରିତ୍ରୀର ସମସ୍ତ ସାମ୍ବାଦିକ ଓ କର୍ମଚାରୀ ଏବଂ ଛୋଟବଡ ଭାଇଭଉଣୀ, ଗୁରୁଜନମାନଙ୍କୁ ଶୁଭେଚ୍ଛା ଜଣାଉଛି।
ସନ୍ତୋଷ କୁମାର ସାହୁ
ଅଧ୍ୟାପକ, ଜନତା ମହାବିଦ୍ୟାଳୟ, ବଇଣ୍ଡା

ଧରିତ୍ରୀର ଢେଙ୍କାନାଳ-ଅନୁଗୋଳ ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ସରୋଜ କୁମାର ପଟ୍ଟନାୟକ
ସଭାପତି
ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟି

RAIN, SUN AND FIREPROOF
KONARK IS THE RIGHT ROOF
USE KONARK
AC SHEETS & ACCESSORIES
UAL-ODISHA
(PROP.: UAL INDUSTRIES LTD.)
(AN ISO 9001, 14001 & OHSAS 18001 CERTIFIED COMPANY)
ODISHA WORKS
At/P.O. Korian, Dist-Dhenkanal-759013 (Odisha)
Phone: (06762) 228881, Fax: (06762) 228263
EPABX: (06762) 228881
E-mail:ual_dkl@ualind.com
BENGAL WORKS
UAL-BENGAL
Guptamani Kultikri Road, Midnapore (West Bengal)
Phone: (03222) 202401, 202402
Fax: (03222) 257274, E-mail: ual_kgp@ualind.com
U.P. Work
UAL-UTTAR PRADESH
At-Barmanpur, Tehsil-Kerakat, Dist: Jaunpur-222129 (U.P)
Phone: (05450) 249301, E-mail: ual_up@ualind.com
WHILE SOME PERSUE FOR EXCELLENCE
WE ARE BORN TO EXCELL.

ଧରିତ୍ରୀ ଢେଙ୍କାନାଳ-ଅନୁଗୋଳ ସଂସ୍କରଣର ଜନ୍ମଦିନ ଅବସରରେ ଧରିତ୍ରୀ ପରିବାର, ପାଠକ ଓ ପାଠିକା ତଥା ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।
"ମାସ୍କ ପିନ୍ଧନ୍ତୁ, ସାମାଜିକ ଦୂରତା ରଖନ୍ତୁ, କରୋନାକୁ bye bye କରନ୍ତୁ।"
ଆପଣଙ୍କର ଗୁଣଗ୍ରାହୀ
ଅର୍ଜୁନ ସାହୁ
ସାମାଜିକ କର୍ମୀ

ଆଗାମୀ ଫେବୃୟାରୀ ୨୫ ଧରିତ୍ରୀ ଜୁଏଲର୍ସ ତା'ର ୨୫ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଗ୍ରାହକମାନଙ୍କୁ ଶୁଭେଚ୍ଛା ଜଣାଉଛି।
BLS 916
With Best Compliments from:
DHARITRI JEWELLERS
22Ct. GOLD ORNAMENTS & SILVER FILIGREE
BUXI BAZAR, BAROPATHAR CUTTACK-1, PH: 0671-2431082
HATATOTA, TALCHER PH: (06760) 241281

ଧରିତ୍ରୀର ଢେଙ୍କାନାଳ ଓ ଅନୁଗୋଳ ସଂସ୍କରଣ ଜନ୍ମ ଜୟନ୍ତୀ ଅବସରରେ ସମସ୍ତ ଗୁରୁଜନ, ଛୋଟବଡ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି।
ଭାଗୀରଥି ପ୍ରଧାନ
ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଭାଜପା, ବଇଣ୍ଡା, ଅନୁଗୋଳ

ଧରିତ୍ରୀର ଢେଙ୍କାନାଳ ଓ ଅନୁଗୋଳ ସଂସ୍କରଣର ଜନ୍ମ ଉତ୍ସବ ଅବସରରେ ସମସ୍ତ ଗୁରୁଜନ, ଛୋଟବଡ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା
ଅମିତ କୁମାର ବେହେରା
ପାଇକ ସାହି, ଆଠମଲିକ

ଢେଙ୍କାନାଳ ଓ ଅନୁଗୋଳ ସଂସ୍କରଣ 'ଧରିତ୍ରୀ'ର ଜନ୍ମ ଜୟନ୍ତୀ ଅବସରରେ ନୁନୁକାପଶି ପଞ୍ଚାୟତର ସମସ୍ତ ଗୁରୁଜନ, ଛୋଟ ଓ ବଡ଼ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା। ଏଥିସହ ଧରିତ୍ରୀର ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଉଛି।
ଜଳଧର ସାହୁ
ସରପଞ୍ଚ, ନୁନୁକାପଶି, କିଶୋରନଗର

ଢେଙ୍କାନାଳ ଓ ଅନୁଗୋଳ ସଂସ୍କରଣ 'ଧରିତ୍ରୀ'ର ଜନ୍ମ ଉତ୍ସବ ଅବସରରେ 'ଧରିତ୍ରୀ'ର ସମସ୍ତ କର୍ମଚାରୀ, ଖବରଦାତା, ଏଜେଣ୍ଟ ଓ ଛୋଟବଡ ଭାଇଭଉଣୀ ଓ ଗୁରୁଜନମାନଙ୍କୁ ଶୁଭେଚ୍ଛା ଜଣାଉଛି।
ଅରବିନ୍ଦ ସାହୁ
ଭାଜପା ନେତା, ବଇଣ୍ଡା, କିଶୋରନଗର



# ବଳ ଯାହାର ବୁଢ଼ାପଙ୍କ ତାହାର

## ଯୁଦ୍ଧରେ ମଲ୍ଲଙ୍କୁ ସହାୟତା କରିଥିଲେ ମା' କଳାପାଟ

**ଉପେନ୍ଦ୍ର ରାଉତ**
**ବଅଁରପାଳ,୧୪।୨**

ଅନୁଗୋଳ ଇତିହାସରେ ଗଡ଼ ବୁଢ଼ାପଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଏହା ଥିଲା ରାଜା ସୋମନାଥ ସିଂହ ଜଗଦ୍ଦେବଙ୍କ ଅଭେଦ୍ୟ ଦୁର୍ଗ। କିନ୍ତୁ ବ୍ରିଟିଶ୍ ଶାସନ ସମୟରେ ଏହାକୁ ଦଖଲ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ ଢେଙ୍କାନାଳ ରାଜା ସୁର ପ୍ରତାପ ସିଂହ। ସେତେବେଳେ ଦୁଇ ରାଜାଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧରେ ପରାକ୍ରମ ଦେଖାଇଥିଲେ ଅନୁଗୋଳ ରାଜାଙ୍କ ମଲ୍ଲମାନେ। ଏଥିରେ ଆରାଧ୍ୟ ଦେବୀ ମା' କଳାପାଟଙ୍କ ସହାୟତା ସମ୍ପର୍କରେ ଆଜି ବି ଶୁଣିବାକୁ ମିଳେ ବୟସ୍କଙ୍କ ମୁହଁରୁ।

ବୁଢ଼ାପଙ୍କର କେତେଜଣ ବରିଷ୍ଠ ନାଗରିକ କହିଛନ୍ତି, ବାହ୍ୟଶତ୍ରୁଙ୍କ ପ୍ରବେଶ ରୋକିବା ପାଇଁ ଅନୁଗୋଳ ରାଜା ସେତେବେଳେ ଚତୁଃପାର୍ଶ୍ୱରେ ତିଆରି କରିଥିଲେ ଗଡ଼ଖାଇ। ଆଉ ଏହାକୁ ଜଗି ରହିଲେ ମଲ୍ଲମାନେ। ଫଳରେ ଗଡ଼ଖାଇ ଦେଇ ଗଡ଼ ବୁଢାପଙ୍କୁ ପ୍ରବେଶ କରିବାକୁ କେହି ସାହସ ଜୁଟାଇ ପାରୁ ନ ଥିଲେ। ହେଲେ ନିଜ ବାହୁବଳରେ ବୁଢ଼ାପଙ୍କୁ ଛଡ଼ାଇ ନେବାକୁ ଚାହୁଁଥିଲେ ଢେଙ୍କାନାଳ ରାଜା ସୁର ପ୍ରତାପ ସିଂହ। ଏଥିପାଇଁ ବର୍ଷବର୍ଷ ଧରି ନାନା ଯୋଜନା କରିଥିଲେ। ଏପରି କି ଅନୁଗୋଳ ସୀମା ଭିତରକୁ ପ୍ରବେଶ କରିବେ ବୋଲି ଅନୁଗୋଳ ରାଜାଙ୍କୁ ଚେତାବନୀ ଦେଇଥିଲେ। ଢେଙ୍କାନାଳ ରାଜାଙ୍କ ନିକଟରେ ଏପରି ମଲ୍ଲ ଥିଲେ, ଯାହାଙ୍କୁ କେହି ପରାସ୍ତ କରିପାରୁ ନ ଥିଲେ। ସେହିପରି ଅନୁଗୋଳ ରାଜାଙ୍କ ୨ ମଲ୍ଲ ସିନ୍ଧୁ ଓ ଚମ୍ପତିରାୟ ଯୁଦ୍ଧ କୌଶଳରେ ଅତି ନିପୁଣ ଥିଲେ। ତଥାପି ଢେଙ୍କାନାଳର ମଲ୍ଲଙ୍କ ସମ୍ମୁଖୀନ ହେବାକୁ ସେମାନେ ଚାହୁଁ ନ ଥିଲେ। ଏଥିପାଇଁ ସିନ୍ଧୁ ଓ ଚମ୍ପତିରାୟ ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା' କଳାପାଟଙ୍କ ଶରଣାପନ୍ନ ହୋଇଥିଲେ। ମା' ସେମାନଙ୍କୁ ଆଶୀର୍ବାଦ କରିବା ସହ ଏକ କଳାଟୀକା ଦେଇଥିଲେ। ଏହି କଳାଟୀକା ଯେଉଁଦିନ ନାଲି ସିନ୍ଦୂର ପାଲଟିବ, ସେହିଦିନ ଢେଙ୍କାନାଳ ମଲ୍ଲମାନଙ୍କ ସହ ଯୁଦ୍ଧ କରିବାକୁ ମା' କହିଥିଲେ। ଏଥିସହ ମା' ଏକ ପଥର ମଧ୍ୟ ପ୍ରଦାନ କରିଥିଲେ, ଯାହାକୁ ମଲ୍ଲମାନେ ଧାରଣ କରିବା ପରେ ସେମାନଙ୍କୁ କେହି ପରାଜିତ କରିବାରେ ସକ୍ଷମ ହୋଇ ନ ଥିଲେ। ମା'ଙ୍କ ଏହି ସହାୟତା ପାଇଁ ଢେଙ୍କାନାଳ ରାଜାଙ୍କ ମଲ୍ଲମାନଙ୍କୁ ଅନୁଗୋଳ ରାଜା ପରାସ୍ତ କରିପାରିଥିଲେ। ସେବେଠୁ 'ବଳ ଯାହାର, ବୁଢ଼ାପଙ୍କ ତାହାର' ବୋଲି ଇତିହାସ ରହିଛି। ବୁଢ଼ାପଙ୍କର ଅନେକ ପାଇକ ଯୋଦ୍ଧା ବିଭିନ୍ନ ଯାନିଯାତ୍ରା, ପର୍ବପର୍ବାଣିରେ ଦିଲ୍ଲୀ ଦରବାରରେ ନିଜର କଳାକୌଶଳ ପ୍ରଦର୍ଶନ କରି ସୁନାମ ଅର୍ଜନ କରିଛନ୍ତି। ଉକ୍ତ ଗ୍ରାମରେ ଏବେ ୪ଟି ପାଇକ ଦଳ ରହିଛନ୍ତି। ସେମାନେ ବିଭିନ୍ନ ସ୍ଥାନକୁ ଯାଇ ସମର କଳା ଦେଖାଇ ନିଜ ପୂର୍ବଜଙ୍କ ପରାକ୍ରମର ପରିଚୟ ଦେଉଛନ୍ତି।


ଗାଁରେ ଥିବା ଅସ୍ତ୍ରଶସ୍ତ୍ର



### କଳା ସିନ୍ଦୂର ହେଲା ନାଲି



"କଳାପାଟ ହେଲେ ଆମର ଅଧିଷ୍ଠାତ୍ରୀ ଦେବୀ। ମା'ଙ୍କ ବିନା ସହାୟତାରେ ଢେଙ୍କାନାଳ ରାଜାଙ୍କୁ ହରାଇବା ଅନୁଗୋଳ ରାଜାଙ୍କ ପକ୍ଷେ ସମ୍ଭବ ହୋଇ ନଥା'ନ୍ତା। ମା'ଙ୍କ ଆଶୀର୍ବାଦରୁ କଳା ସିନ୍ଦୂର ନାଲି ହୋଇଯାଇଥିଲା। ସେଥିପାଇଁ ଅନୁଗୋଳର ମଲ୍ଲମାନେ ଯୁଦ୍ଧରେ ବିଜୟୀ ହୋଇ ପାରିଥିଲେ।

- ନିରଞ୍ଜନ ସାମଲ

### ଗଡ଼ ପାଇଁ ଲଢ଼ିଥିଲେ ମଲ୍ଲ



"ଅନୁଗୋଳର ବୁଢ଼ାପଙ୍କୁ ଅକ୍ତିଆର କରିବା ପାଇଁ ହୋଇଥିଲା ଲଢ଼େଇ। ଦୁଇ ରାଜ୍ୟ ସୀମାରେ ମୁହାଁମୁହିଁ ହୋଇଥିଲେ ଉଭୟ ରାଜାଙ୍କ ମଲ୍ଲମାନେ। ତେବେ ମା' କଳାପାଟଙ୍କ କରୁଣା ହିଁ ଅନୁଗୋଳର ମଲ୍ଲମାନଙ୍କୁ ବିଜେତା କରିଥିଲା। ଆଉ ଅନୁଗୋଳ ରାଜା ଗଡ଼ ବଞ୍ଚାଇବାରେ ସଫଳ ହୋଇଥିଲେ।

- ନେପାଳି ନାୟକ, ପାଇକ ଆଖଡ଼ାଗୁରୁ, ବୁଢ଼ାପଙ୍କ

### ବାହ୍ୟ ଶତ୍ରୁଙ୍କ ପାଇଁ ଅଭେଦ୍ୟ ଥିଲା



"ଅନୁଗୋଳର ଶେଷ ରାଜା ସୋମନାଥ ସିଂହଙ୍କ ବୁଢ଼ାପଙ୍କୁ କୌଣସି ସ୍ଥିତିରେ ହାତଛଡ଼ା କରିବାକୁ ଚାହୁଁ ନ ଥିଲେ। ସେଥିପାଇଁ ଗଡ଼ଖାଇ ଚାରିପଟେ ବଛା ବଛା ପାଇକ ଯୋଦ୍ଧାମାନଙ୍କୁ ନିଯୁକ୍ତ କରିଥିଲେ। ସେମାନଙ୍କ ପରାକ୍ରମ ପାଇଁ ଏହା ଶେଷଯାଏ ବାହ୍ୟ ଶତ୍ରୁଙ୍କ ପାଇଁ ଅଭେଦ୍ୟ ହୋଇ ରହିଥିଲା।

- ବସନ୍ତ ବେଉରା, ବରିଷ୍ଠ ନାଗରିକ

# ଟିଁକିରା ନଦୀରେ ଭାସି ଯାଇ ଜଣେ ମୃତ

**କଣିହାଁ,୧୪।୨(ଡି.ଏନ.ଏ.)**

କଣିହାଁ ବ୍ଲକ କରଡେଇ ଘାଟରେ ରବିବାର ଡଙ୍ଗାରେ ଟିଁକିରା ନଦୀ ପାର ହେଉଥିବାବେଳେ ଜଣେ ବ୍ୟକ୍ତି ଭାସିଯାଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ କଣିହାଁ ଥାନା ଚିନ୍ତାମଣିପୁର ଗ୍ରାମର ପବିତ୍ରମୋହନ ପ୍ରଧାନ(୫୦)। ରବିବାର ପବିତ୍ର ସମ୍ପର୍କୀୟ ଭାଇଙ୍କ ସହ ଏନଟିପିସି ବଜାରକୁ ସଉଦା କରିବାକୁ ଆସିଥିଲେ। ସଉଦା ନେଇ ଭାଇଙ୍କ ସହ ଡଙ୍ଗାରେ ବସି ନଦୀ ପାର ହେଉଥିବାବେଳେ ନଦୀକୁ ଖସି ପଡିଥିଲେ। ଖବରପାଇ କଣିହାଁ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହାୟତାରେ ଅପରାହ୍ନରେ ମୃତଦେହ ଉଦ୍ଧାର କରିଛନ୍ତି। ଏ ନେଇ ଥାନାକରେ ନଂ. ୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା କଣିହାଁ ଥାନା ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି।


































